**ଘରକୁ ଧକ୍କା ଦେଇ ଓଲଟିଲା କାର୍, ଡ୍ରାଇଭର ଅଟକ**

**ବନ୍ତ,(ଡି.ଏନ.ଏ.):** ଭଦ୍ରକ ଜିଲା ବନ୍ତ ବ୍ଲକ ତଥା ଭଦ୍ରକ-ଆନନ୍ଦପୁର ରାଜ୍ୟ ରାଜପଥର ଛୟାଳସିଂ ବଜାରଠାରେ ଶନିବାର ରାତିରେ ଏକ ମାରୁତି କାର୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। କାର୍‌ଟି ରାସ୍ତା ପାର୍ଶ୍ୱରେ ଥିବା ଏକ ଘରକୁ ଧକ୍କା ଦେଇ ଓଲଟି ପଡ଼ିଥିଲା। ଫଳରେ ଘରର ଖୁଣ୍ଟ ଓ ଚଉଁରା ଭାଙ୍ଗି ଥିବାବେଳେ କୌଣସି ଜୀବନହାନି ଘଟି ନ ଥିବା ଜଣାଯାଇଛି। ବନ୍ତ ପାର୍ଶ୍ୱରୁ କାର୍‌ଟି ଦ୍ରୁତଗତିରେ ଆସୁଥିବା ଯୋଗୁ ଏଭଳି ଦୁର୍ଘଟଣା ଘଟିଥିବା ସ୍ଥାନୀୟ ଲୋକେ କହିଛନ୍ତି। ଖବର ପାଇ ସ୍ଥାନୀୟ ପୋଲିସ ପହଞ୍ଚି ଘଟଣାସ୍ଥଳରେ କାର୍‌ଟିକୁ ଜବତ କରି ଥାନାକୁ ନେଇଥିବା ବେଳେ ଡ୍ରାଇଭରଙ୍କୁ ଅଟକ ରଖିଛି।

## ସଂକ୍ଷେପରେ

### ହାବିଲ୍‌ଦାରଙ୍କ ସ୍ତ୍ରୀଙ୍କଠାରୁ ସୁନାଚେନ୍ ଲୁଟ୍

**ବାଲେଶ୍ୱର ଅଫିସ,୫।୬:** ବାଲେଶ୍ୱର ସହଦେବଖୁଣ୍ଟା ମଡେଲ ଥାନା ଅଧୀନ ଭୀମପୁରା ଛକରେ ପୋଲିସ ହାବିଲଦାର ଅଞ୍ଜନ କୁମାର ମିଶ୍ରଙ୍କ ସ୍ତ୍ରୀ କୁଞ୍ଜଲତାଙ୍କଠାରୁ ଦୁର୍ବୃତ୍ତମାନେ ଦେଢ଼ଲକ୍ଷ ଟଙ୍କା ମୂଲ୍ୟର ସୁନାଚେନ୍ ଲୁଟି ନେଇଥିବା ଅଭିଯୋଗ ହୋଇଛି। ଶନିବାର ପୂର୍ବାହ୍ନ ୬ଟା ସମୟରେ କୁଞ୍ଜଲତା ଉକ୍ତ ଛକରେ ଫୁଲ ତୋଳୁଥିବା ବେଳେ ଗୋଟିଏ ପଲସର ବାଇକ୍‌ରେ ଦୁଇ ଦୁର୍ବୃତ୍ତ ପହଞ୍ଚିଥିଲେ। କୁଞ୍ଜଲତା ଏକୁଟିଆ ଥିବାର ଦେଖି ଜଣେ ଗାଡ଼ିରୁ ଓହ୍ଲାଇ ତାଙ୍କ ବେକକୁ ଧରି ଏକ କଟର (ଯନ୍ତ୍ରାଂଶ) ଦ୍ୱାରା ୨୫ ଗ୍ରାମ୍ ଓଜନର ସୁନାହାରଟିକୁ କାଟି ନେଇ ପଳାଇଥିଲେ। ଏନେଇ ହାବିଲଦାର ମିଶ୍ର ସହଦେବଖୁଣ୍ଟା ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଜାରି ରଖିଛି।

### ପୋଖରୀ ଆଡ଼ିରେ ଚାରାରୋପଣ

**ସାରସକଣା, ୫।୬(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ସୀମାନ୍ତ ମହାବିଦ୍ୟାଳୟ ଯୁକ୍ତ ଦୁଇ ଜାତୀୟ ସେବାଯୋଜନାର ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା ପୋଷ୍ୟଗ୍ରାମ ଧାନଘେରି ନିକଟସ୍ଥ ପୋଖରୀ ଆଡିରେ ବୃକ୍ଷରୋପଣ ସହିତ ଝଡ଼ ପବନରେ ଭାଙ୍ଗିଯାଇଥିବା ପୁରୁଣା ବାଡ଼ ଗୁଡିକୁ ପୁନର୍ବାର ନିର୍ମାଣ କରାଯାଇଛି । ଗ୍ରୀଷ୍ମପ୍ରବାହ ଓ ଛୁଟି ସତ୍ତ୍ୱେ ସ୍ୱେଚ୍ଛାସେବୀ ମାନଙ୍କର ସେବା ମନୋଭାବକୁ ନେଇ କାର୍ଯ୍ୟକ୍ରମ ଅଧିକାରୀ ଶିଶିର କୁମାର ପଟ୍ଟନାୟକ ଖୁସି ବ୍ୟକ୍ତ କରିବା ସଙ୍ଗେ ସଙ୍ଗେ ଗ୍ରାମବାସୀ ମଧ ପିଲାମାନଙ୍କୁ ଉତ୍ସାହିତ କରିଥିବାରୁ ତାଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଆଗକୁ ଏଭଳି କାର୍ଯ୍ୟକ୍ରମ ଜାରି ରହିବ ବୋଲି କାର୍ଯ୍ୟକ୍ରମ ଅଧିକାରୀ ପ୍ରକାଶ କରିଛନ୍ତି।

### ବିଶ୍ୱ ପରିବେଶ ଦିବସ

**ବାସୁଦେବପୁର,୫।୬(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା ପକ୍ଷରୁ ଭୈରବପୁର ଗ୍ରାମର ଶେଷସୀମାରେ ଥିବା ଡମ୍ପିଂୟାର୍ଡ଼ ପରିସରରେ ରବିବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ପୌର ନିର୍ବାହୀ ଅଧିକାରୀ ମାନସ କୁମାର ଦଣ୍ଡପାଟ, ପୌରପାଳିକା ଭାଇସ ଚେୟାରମ୍ୟାନ ଉତ୍ତମ କୁମାର ବାରିକ ପ୍ରମୁଖ ଉପସ୍ଥିତ ରହି ଗଛ ଲଗାଇଥିଲେ। ପୌରପାଳିକା କର୍ମଚାରୀ, ସଫେଇ ଦାୟିତ୍ୱରେ ଥିବା କର୍ମଚାରୀମାନେ ମଧ ଚାରାରୋପଣ କରିଥିଲେ। ପ୍ରତ୍ୟେକ ବ୍ୟକ୍ତି ଗଛ ଲଗାଇବା ସହ ଏହାର ସୁରକ୍ଷା କରିବା ଓ ପରିବେଶକୁ ସଫାସୁତୁରା ରଖି ଏକ ସୁସ୍ଥ ଜୀବନ ବିତାଇବାକୁ ପୌର ନିର୍ବାହୀ ଅଧିକାରୀ ଦଣ୍ଡପାଟ ଆହ୍ୱାନ ଦେଇଥିଲେ। ପୌରପାଳିକାର ୱାର୍ଡ ସ୍ତରରେ ସଫେଇ କାର୍ଯ୍ୟକ୍ରମ ଓ ସ୍ୱଚ୍ଛତା ଦିଗରେ ଯଥେଷ୍ଟ ଗୁରୁତ୍ୱ ଦିଆଯାଉଛି। ପରିବେଶ ସୁରକ୍ଷା ସମ୍ପର୍କରେ ଲୋକେ ଅଧିକ ସଚେତନ ହେବା ଆବଶ୍ୟକ ବୋଲି ସେ କହିଥିଲେ।

### ହାଟରେ ମାଙ୍କଡ଼ ଖେଳ ପ୍ରଦର୍ଶନ

**ତାଗିଦ୍ ପରେ ଛାଡ଼ିଲା ବନ ବିଭାଗ**

**ବୈଶିଙ୍ଗା,୫।୬ (ଡି.ଏନ.ଏ):** ମୟୂରଭଞ୍ଜ ଜିଲା ବୈଶିଙ୍ଗା ଉପକଣ୍ଠ ତାହିବାଡ଼ି ସାପ୍ତାହିକ ହାଟରେ ୪ଟି ମାଙ୍କଡ଼ ଆଣି ଖେଳ ପ୍ରଦର୍ଶନ କରି ଟଙ୍କା ଉପାର୍ଜନ କରୁଥିବା ବେଳେ ବନ ବିଭାଗ କର୍ତ୍ତୃପକ୍ଷଙ୍କ ନଜରରେ ପଡ଼ିଥିଲା। ବୈଶିଙ୍ଗା ଫରେଷ୍ଟର ଦୁଲାଲ ଚନ୍ଦ୍ର ଦିଗାର ପଡ଼ୋଶୀ ପଶ୍ଚିମବଙ୍ଗର ୨୪ ପ୍ରଗଣା ଜିଲାରୁ ମାଙ୍କଡ଼ ନେଇ ଆସିଥିବା ଚାରିଜଣ ବ୍ୟକ୍ତିଙ୍କୁ ବନ ବିଭାଗ କାର୍ଯ୍ୟାଳୟକୁ ନେଇଥିଲେ। ପରେ ସେମାନଙ୍କୁ ସର୍ତ୍ତମୂଳକ ଭାବେ ତାଗିଦ୍ କରି ଛାଡ଼ି ଦେଇଛନ୍ତି। ସେହିପରି ମାଙ୍କଡ଼ଗୁଡ଼ିକୁ ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦିଆଯାଇଥିବା ସୂଚନା ମିଳିଛି।

### ଧର୍ମପରାୟଣାଙ୍କ ପରଲୋକ

**ପାଟଣା, ୫।୬(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ ଶିବ ନାରାୟଣପୁର ଶାସନର ଜଣାଶୁଣା ଅମାୟିକ, ବନ୍ଧୁବତ୍ସଳ ଧର୍ମପରାୟଣା ମହିଳା ବିଳାସିନୀ ମିଶ୍ରଙ୍କ ଶନିବାର ବିଳମ୍ବିତ ରାତିରେ ୮୬ ବର୍ଷ ବୟସରେ ଦେହାନ୍ତ ଘଟିଛି। ତାଙ୍କ ବିୟୋଗରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିବା ସହ ଶେଷ ଦର୍ଶନ କରିଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ୨ ଝିଅ, ଜ୍ୱାଇଁ, ପୂର୍ବତନ ପାଟଣା ବ୍ଲକ ଅଧ୍ୟକ୍ଷ ଇଂ ବିଦ୍ୟାଧର ଦାଶ, ପୁଅ-ବୋହୂ, ନାତୁଣୀନାତିଙ୍କ ସହ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ରବିବାର ତାଙ୍କ ପାର୍ଥିବ ଶରୀରକୁ ଶିବନାରାୟଣ ପୁର ଶାସନ ସ୍ଥିତ ବାସଭବନରୁ ଏକ ଶୋଭାଯାତ୍ରାରେ ବୈତରଣୀ ନଦୀ କୂଳକୁ ନେଇ ଅନ୍ତିମ ସଂସ୍କାର କରାଯାଇଛି। ବିଳାସିନୀଙ୍କ ଏକମାତ୍ର ପୁଅ ପ୍ରଦୀପ ମୁଖାଗ୍ନି ଦେଇଥିଲେ।

# ବିମୋହିତ କରୁଛି 'କୁରୁସି'

**ନରେଶ ଚନ୍ଦ୍ର ପଟ୍ଟନାୟକ**
**କେନ୍ଦୁଝର, ୫।୬**


ଜଣେ ମହିଳା କୁରୁସି ଫୁଲ ଧରିଛନ୍ତି।

କେନ୍ଦୁଝର ବଣ ପାହାଡ଼ରେ ବିଭିନ୍ନ ଜାତିର ଓ ରଙ୍ଗର ଫୁଲ ବିଭିନ୍ନ ଋତୁରେ ଶୋଭାବର୍ଦ୍ଧନ କରିଥାଏ। ସେଥିମଧ୍ୟରୁ କୁରୁସି ବା କୁରେଇ ଫୁଲ ଅନ୍ୟତମ। ବିଶେଷ କରି ଏହି ଋତୁରେ ଧଳା ରଙ୍ଗର ଏହି ଫୁଲ ସମସ୍ତଙ୍କୁ ବିମୋହିତ କରିଥାଏ । ଏହି ଜଙ୍ଗଲୀ ଫୁଲ ଲେଖକ ଓ କବିଙ୍କୁ ମଧ ଆକର୍ଷିତ କରିଥାଏ ।

ଆଦିବାସୀ ବିଶେଷ କରି ମହିଳାଙ୍କ ଏହି ଫୁଲ ଅଧିକ ପସନ୍ଦ। କାମ କରିବାକୁ ଗଲେ ବା ହାଟବଜାର ଗଲେ ଏହି ଫୁଲକୁ ଗଭାରେ ଖୋଷି ସଜ୍ଜିତ ହୋଇ ଯାଇଥାନ୍ତି। ଯାହାକି ସେମାନଙ୍କ ପରିପାଟୀକୁ ଅଧିକ ଆକର୍ଷଣୀୟ କରିଥାଏ। ସେହିପରି ଏହି ଫୁଲ ପ୍ରଦାନ କରି ଓ ଏହାର ମାଳ ପିନ୍ଧାଇ ଅତିଥିଙ୍କୁ ସମ୍ବର୍ଦ୍ଧନା ଦେଇଥାନ୍ତି। ଯଦିଓ ଆଜିକାଲି ଏହାର ବ୍ୟବହାର କମୁଛି ତେବେ ଏହି ଫୁଲ ଏବେ ମଧ ବଣପାହାଡ଼ ତଥା ଗାଁଗଣ୍ଡା ବାଡ଼ି ଓ ରାସ୍ତା କଡ଼ରେ ଆପେ ଆପେ ଫୁଟି ଏହାର ସୌନ୍ଦର୍ଯ୍ୟ ବିଚ୍ଛୁରିତ କରି ଝଡିଯାଏ । ତେବେ ଏହାକୁ ଦେଖି ଲେଖକ, ଭାବୁକ ତଥା କବି ବିମୋହିତ ହୋଇ ଦୁଇ ପଦ ସୌନ୍ଦର୍ଯ୍ୟତାର ଗୁଣଗାନ କରିବାକୁ ଭୁଲନ୍ତି ନାହିଁ। ଏହି ଫୁଲ ବିଶେଷ କରି ବାଂଶପାଳ, ତେଲକୋଇ, ହରିଚନ୍ଦନପୁର ବ୍ଲକର ବଣପାହାଡ଼ରେ ଅଧିକ ଦେଖିବାକୁ ମିଳିଥାଏ। ପ୍ରାକୃତିକ ପରିବେଶରେ ଏହି ଗଛ ଆପେ ଉଠୁଥିବାରୁ ବଣପାହାଡ଼ ଅଞ୍ଚଳ ତଥା ରାସ୍ତାଘାଟରେ ବହୁ ସଂଖ୍ୟାରେ ଏହି ଗଛ ଦେଖିବାକୁ ମିଳିଥାଏ। ଏପରିକି ଏହି ଅଞ୍ଚଳ ଦେଇ ଯାଉଥିବା ପର୍ଯ୍ୟଟକ ତଥା ବାଟୋଇ ମାନେ ମଧ ରାସ୍ତାର ଦୁଇ ପାର୍ଶ୍ୱରେ ଫୁଟିଥିବା ଏହି ଫୁଲର ପସରା ଦେଖି ବିମୁଗ୍ଧ ହୋଇଥାନ୍ତି। ବରିଷ୍ଠ ସାହିତ୍ୟିକ ଓ କବି ଡକ୍ଟର ବିଦ୍ୟାଧର ବେହେରା କୁହନ୍ତି ଯେ, ପିଲା ଦିନରୁ ଏହି ଫୁଲ ଦେଖିଆସୁଛନ୍ତି। ଏହି ଜଙ୍ଗଲୀ ଫୁଲର ସୌନ୍ଦର୍ଯ୍ୟ ଜଙ୍ଗଲ ଓ ପାହାଡ ପରିବେଶର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ।

## ଧରଣୀଧର ପାଇଲେ ପ୍ରକୃତିବନ୍ଧୁ ପୁରସ୍କାର


ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ଧରଣୀଧର ଦାସ।

**ଚମ୍ପୁଆ, ୫।୬(ଡି.ଏନ.ଏ)**

ବିଶ୍ୱ ପରିବେଶ ଦିବସ ପାଳନ ପରିପ୍ରେକ୍ଷୀରେ ତଥା ବୃକ୍ଷରୋପଣ ଭଳି ସେବାକାର୍ଯ୍ୟରେ ନିଜକୁ ଆଦରି ନେଇ ଅତୁଳନୀୟ ସେବା ପାଇଁ ଚମ୍ପୁଆ ମହତାବ ଉଚ୍ଚ ବିଦ୍ୟାଳକୁ ପ୍ରକୃତିମିତ୍ର ପୁରସ୍କର ପ୍ରଦାନ କରାଯାଇଥିବା ବେଳେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଶିକ୍ଷକ ଧରଣୀଧର ଦାସଙ୍କୁ ପ୍ରକୃତିବନ୍ଧୁ ପୁରସ୍କାରରେ ସମ୍ମାନିତ କରାଯାଇଛି। ଭୁବନେଶ୍ୱର ରବିନ୍ଦ୍ରମଣ୍ଡପରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହତାବ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସାହୁ ପ୍ରକୃତିମିତ୍ର ପୁରସ୍କାର ଗ୍ରହଣ କରିଥିବା ବେଳେ ଜିଲାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଧରଣୀଧର ଦାସ ପ୍ରକୃତିବନ୍ଧୁ ପୁରସ୍କାର ଗ୍ରହଣ କରିଥିଲେ।

## ଯାତ୍ରୀ ବିଶ୍ରାମାଗାର ଉଦ୍‌ଘାଟିତ

**ବାଲେଶ୍ୱର ଅଫିସ,୫।୬**

ବାଲେଶ୍ୱର ଜିଲା ୬୦ନଂ. ଜାତୀୟ ରାଜପଥର ରୂପସା ବସ୍‌ଷ୍ଟାଣ୍ଡଠାରେ ନୂତନ ଯାତ୍ରୀ ବିଶ୍ରାମାଗାର ରବିବାର ଉଦ୍‌ଘାଟିତ ହୋଇଯାଇଛି। ବାଲେଶ୍ୱର ଜିଲା କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ୍ (ବିଡିସିଡିଏ)ର ସଭାପତି ସିଦ୍ଧାର୍ଥ ସାରଥି ଦାସ ଓ ସମ୍ପାଦକ ସମୀର ଜଗ୍‌ନିଆ ମିଳିତ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ଯାତ୍ରୀବାହୀ ବସ୍‌ରେ ଯିବାଆସିବା ପାଇଁ ଯାତ୍ରୀମାନେ ରାସ୍ତାକଡ଼ରେ ଘଣ୍ଟା ଘଣ୍ଟା ଧରି ଖରାବର୍ଷାରେ ଠିଆ ହୋଇ ହଇରାଣ ହରକତର ସମ୍ମୁଖୀନ ହେଉଥିଲେ ମଧ ଏହାର କୌଣସି ବିକଳ୍ପର ବ୍ୟବସ୍ଥା ହେଇପାରି ନ ଥିଲା। ଏହାକୁ ଦୃଷ୍ଟିରେ ରଖି ବିଡିସିଡିଏର ସ୍ଥାନୀୟ କର୍ମକର୍ତ୍ତା ଆନନ୍ଦ ପ୍ରସନ୍ନ ପଟ୍ଟନାୟକ, ଶୁଭେନ୍ଦୁ ବେହେରା, ପ୍ରଶାନ୍ତ ପ୍ରଧାନ, ପ୍ରଫୁଲ୍ଲ ସୁର୍, ଚକ୍ରଧର ପଣ୍ଡା, ସନାତନ ବେହେରା, ସନ୍ତୋଷ ବେହେରା ଓ ମଳୟ ମିଶ୍ରଙ୍କ ସହଯୋଗରେ ଯାତ୍ରୀ ବିଶ୍ରାମାଗାର ନିର୍ମାଣ କରାଯାଇଛି। କାର୍ଯ୍ୟକ୍ରମରେ ବିଡିସିଡିଏର ସାଙ୍ଗଠନିକ ସମ୍ପାଦକ ସୁଦୀପ୍ ଚକ୍ରବର୍ତ୍ତୀ, କୋଷାଧ୍ୟକ୍ଷ ଲାଇଜୁ ମିଶ୍ର, ଟେକ୍ ଚେୟାରମ୍ୟାନ ଆପୁ ପୋଦ୍ଦାର, ବିକ୍ରମଜିତ କର, ଡ. ପ୍ରଶାନ୍ତ ମହାନ୍ତି, ଟୁକୁ ସାମନ୍ତରାୟ, ବିକି ପୋଦ୍ଦାର, ଅରୁଣ ଖଣ୍ଡେଲୱାଲ୍, ମନୋଜ ପୋଦ୍ଦାର, ଅଶୋକ ଖଣ୍ଡେଲୱାଲ ପ୍ରମୁଖ ଉପସ୍ଥିତ ଥିଲେ।


ଯାତ୍ରୀ ବିଶ୍ରାମାଗାର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ୨୦ ବର୍ଷ ହେଲା ସ୍ଥାୟୀ ଡାକ୍ତର ନାହାନ୍ତି

**ଭୋଗରାଇ, ୫।୬(ଡି.ଏନ.ଏ.)**

**ଆନ୍ଦୋଳନରେ ବସିଲେ ୫ ପଞ୍ଚାୟତବାସୀ**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକରେ ସ୍ୱାସ୍ଥ୍ୟସେବା ଏକ ପ୍ରକାର ବିପର୍ଯ୍ୟସ୍ତ ହୋଇପଡିଛି। ଶ୍ରଦ୍ଧାପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୦ବର୍ଷ ଧରି ସ୍ଥାୟୀ ଡାକ୍ତର ନିଯୁକ୍ତି ହୋଇ ନ ଥିବା ଓ ଫାର୍ମାସିଷ୍ଟଙ୍କ ଦୁର୍ବ୍ୟବହାର ରୋଗୀମାନେ ଅତିଷ୍ଠ ହୋଇପଡ଼ିଛନ୍ତି। ଏହାର ପ୍ରତିବାଦ କରି ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଶ୍ରଦ୍ଧାପୁର, କାର୍ଣ୍ଣିଆ, ଟୁକୁରୀହାଜିରା, କାଛିଭଉରୀ, ଶଙ୍ଖାରୀ ପଞ୍ଚାୟତର ଶତାଧିକ ମହିଳା ଓ ପୁରୁଷ ଅନଶନ କରିବା ସହ ନାରାବାଜି ପ୍ରଦର୍ଶନ କରିଥିଲେ। ଭୋଗରାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡା. କମଳାକାନ୍ତ ଜେନା ପହଞ୍ଚି ଆନ୍ଦୋଳନରତ ଗ୍ରାମବାସୀଙ୍କ ସହିତ ଆଲୋଚନା କରି ୭ଦିନ ମଧ୍ୟରେ ଜଣେ ଡାକ୍ତର ନିଯୁକ୍ତି ଦେବା ଓ ଫାର୍ମାସିଷ୍ଟ ଧନଞ୍ଜୟ ଜେନାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ନିରାମୟ ଯୋଜନାରେ ଔଷଧ ବିତରଣ କରାଯିବା ଓ ରୋଗୀଙ୍କୁ ସୌଜନ୍ୟତା ରକ୍ଷା କରି ରୋଗୀସେବା କରିବାକୁ ପରାମର୍ଶ ଦେବା ପରେ ଗ୍ରାମବାସୀ ଆନ୍ଦୋଳନ ପ୍ରତ୍ୟାହାର କରିଥିଲେ।

## ତେଜୁଛି ପୌରପାଳିକା ବିବାଦ


ଖବରଦାତା ସମ୍ମିଳନୀରେ କାଉନସିଲର ଓ ଅନ୍ୟମାନେ।

**ଭଦ୍ରକ ଅଫିସ,୫।୬**

**ଖବରଦାତା ସମ୍ମିଳନୀ ମାଧମରେ ଚାଲିଛି ଆରୋପ ପ୍ରତ୍ୟାରୋପ**

ଭଦ୍ରକ ପୌରପାଳିକାର ବିବାଦ ଦିନକୁ ଦିନ ତେଜିବାରେ ଲାଗିଛି। ପୌରାଧ୍ୟକ୍ଷା ଓ ଉପାଧ୍ୟକ୍ଷାଙ୍କ ସମେତ ବିଜେଡି କାଉନସିଲରଙ୍କ ଦ୍ୱାରା ଆହୁତ ଖବରଦାତା ସମ୍ମିଳନୀରେ ଆରୋପ ପ୍ରତ୍ୟାରୋପରୁ ଏହା ସ୍ପଷ୍ଟ ବାରି ହୋଇପଡୁଛି। ପୌରପାଳିକାର ବିଶୃଙ୍ଖଳା ପାଇଁ ପରସ୍ପରକୁ ଆରୋପ ପ୍ରତ୍ୟାରୋପ କରିଛନ୍ତି। ଗତ ୩୦ ତାରିଖରେ ପୌରାଧ୍ୟକ୍ଷା ଗୁଲମକ୍କୀ ହିବିବି ଖବରଦାତା ସମ୍ମିଳନୀ କରି ୨୭ ତାରିଖରେ ଅନୁଷ୍ଠିତ କାଉନସିଲ ବୈଠକରେ ଉପାଧ୍ୟକ୍ଷା ଚେୟାର ନ ପାଇ ୧ ମିନିଟ୍ ଠିଆ ହୋଇଥିବା ମତ ରଖିଥିଲେ। ବୈଠକରେ ବିଶୃଙ୍ଖଳା ପାଇଁ ସେ ଉପାଧ୍ୟକ୍ଷାଙ୍କୁ ଦାୟୀ କରିଥିଲେ। ଏହାର ଜବାବରେ ଉପାଧ୍ୟକ୍ଷା ଅଞ୍ଜୁବାଳା ଜେନାଙ୍କ ନେତୃତ୍ୱରେ ଶନିବାର ଅପରାହ୍ନରେ ଭଦ୍ରକ ସହରର ଏକ ହୋଟେଲ ସମ୍ମିଳନୀ କକ୍ଷରେ ପୌରପାଳିକାର ୧୮ଜଣ ବିଜେଡି କାଉନସିଲରଙ୍କୁ ନେଇ ଖବରଦାତା ସମ୍ମିଳନୀ କରାଯାଇଥିଲା। ପୌରାଧ୍ୟକ୍ଷା କରିଥିବା ଆରୋପକୁ ଏହି କାଉନସିଲରମାନେ ପ୍ରତିବାଦ କରିଛନ୍ତି। ସେଦିନର କାଉନସିଲ ବୈଠକ ଆରମ୍ଭ ହେବା ପୂର୍ବରୁ ପୌରାଧ୍ୟକ୍ଷା ଉପସ୍ଥିତ ରହି ଉପାଧ୍ୟକ୍ଷାଙ୍କ ଲାଗି ଚେୟାର ବ୍ୟବସ୍ଥା କାହିଁକି କରି ନ ଥିଲେ ବୋଲି ସମସ୍ତ ବିଜେଡି କାଉନସିଲରମାନେ ପ୍ରଶ୍ନ କରିଛନ୍ତି। ଅପରପକ୍ଷେ ଉକ୍ତ ବୈଠକରେ ଏମ୍‌ପି ଓ ବିଧାୟକଙ୍କ ଲାଗି ମଧ ଚେୟାର ପକାଯାଇ ନ ଥିଲା। ପ୍ରତିବାଦ ପରେ ଚେୟାର ପଡ଼ିଥିଲା। ପୌର ଉପାଧ୍ୟକ୍ଷାଙ୍କ ଲାଗି ଚେୟାର ନ ପଡ଼ିବା ଘଟଣାରେ ବିଜେଡି କାଉନସିଲରମାନେ କାହିଁକି ଚୁପ୍ ରହିଥିଲେ ବୋଲି ଖବରଦାତା ସମ୍ମିଳନୀରେ ପୌରାଧ୍ୟକ୍ଷା ପ୍ରଶ୍ନ କରିଥିଲେ। ଜବାବରେ ଉପାଧ୍ୟକ୍ଷାଙ୍କୁ ଚେୟାର ଦେବାକୁ ବୈଠକରେ ଦାବି କରିଥିଲୁ। କିନ୍ତୁ ବୃହତ୍ତର ଜନସ୍ୱାର୍ଥ ଲାଗି ବୈଠକକୁ ଭଣ୍ଡୁର କରିବାକୁ ଚାହୁଁ ନ ଥିଲୁ ବୋଲି ବିଜେଡି କାଉନସିଲରମାନେ ଉତ୍ତର ରଖିଥିଲେ।

ସେଦିନର ବିଶୃଙ୍ଖଳା ପାଇଁ ପୌରାଧ୍ୟକ୍ଷା ନିର୍ବାହୀ ଅଧିକାରୀଙ୍କ ସହ ଥାନାକୁ ଯାଇ ଉପାଧ୍ୟକ୍ଷା ଓ ତାଙ୍କ ପୁଅ ପ୍ରାକ୍ତନ କାଉନସିଲର ପ୍ରବୀର ଜେନାଙ୍କ ନାମରେ ଟାଉନ ଥାନାରେ ଏତଲା ଦେବା ଓ ପୌର ନିର୍ବାହୀ ଅଧିକାରୀଙ୍କ ସପକ୍ଷରେ ଖବରଦାତା ସମ୍ମିଳନୀ କରିବା ଏସବୁ ଯୋଜନାବଦ୍ଧ ବୋଲି ବିଜେଡି କାଉନସିଲରମାନେ ସମ୍ମିଳନୀରେ କହିଛନ୍ତି। କାଉନସିଲ ବୈଠକରେ ପୌର ଯନ୍ତ୍ରୀଙ୍କୁ ଚେୟାର ଦେଇ ମଞ୍ଚାସିନ କରିବା ଘଟଣାକୁ ବି ବିଜେଡି କାଉନସିଲରମାନେ ବିରୋଧ କରିବା ସହ ଏହା ପୌରପାଳିକାର ନିୟମକୁ ଉଲ୍ଲଙ୍ଘନ କରୁଛି ବୋଲି ପ୍ରକାଶ କରିଛନ୍ତି। ଖବରଦାତା ସମ୍ମିଳନୀରେ ବରିଷ୍ଠ କାଉନସିଲର ଏମ୍‌ଡି ଜକାଉଲ୍ଲା, ଦିଲୀପ ନାୟକ, ପୂର୍ବତନ ପୌର ଉପାଧ୍ୟକ୍ଷା ତାହେରା ଖାତୁନ, ଟାଉନ ମହିଳା ବିଜେଡି ସଭାନେତ୍ରୀ ଦେବହୂତୀ ମହାପାତ୍ର, ଏମ୍‌ପି ପ୍ରତିନିଧି ପ୍ରଣୟ ଦାସ, ବିଧାୟକଙ୍କ ପ୍ରତିନିଧି ରାକେଶ ପଣ୍ଡା, କାଉନସିଲର ସୌଭାଗ୍ୟଲକ୍ଷ୍ମୀ ସ୍ୱାଇଁ, ସ୍ୱାଗତିକା ନାୟକ, ଗୀତାଞ୍ଜଳି ଦାସ, ସ୍ୱର୍ଣ୍ଣଲତା ସ୍ୱାଇଁ, ଉର୍ମିଳା ମାଝି, ସୁନିତା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## 'ସୁସ୍ଥ ପରିବେଶ, ଜୀବନ ସରସ'

**ରୂପସା,୫।୬(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପସା ସ୍ଥିତ ନୀଳମଣି ମହାବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ରବିବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ସମ୍ମିଳନୀ କକ୍ଷରେ ଆୟୋଜିତ ସୁସ୍ଥ ପରିବେଶ, ଜୀବନ ସରସ ଶୀର୍ଷକ ଆଲୋଚନାଚକ୍ରରେ ସଂସଦର ସଭାପତି ଜୟନ୍ତ କୁମାର ପାଣିଗ୍ରାହୀ ଅଧ୍ୟକ୍ଷତା କରି ପରିବେଶ ସୁରକ୍ଷା ଦିଗରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟଅତିଥି ଭାବେ ଅଧାପକ ବିଜୟ ବେହେରା, ସମ୍ମାନିତ ଅତିଥି ପରିବେଶପ୍ରେମୀ ଚୈତନ୍ୟ ପ୍ରସାଦ ସାହୁ, ସଂସଦ ସାଧାରଣ ସମ୍ପାଦକ ବାଞ୍ଛାନିଧି ଦେ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଗୋପାଳ ଚନ୍ଦ୍ର ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପ୍ରାକ୍ତନ ଛାତ୍ରୀ ରୀତା ମହାରଣା, ଅଲିଭା ନାୟକ, ଛାତ୍ର ନିରଞ୍ଜନ ମହାଲିକ, ମାନସ ସେନାପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଏୟାଏ ମିଳିନି ଛତା ଟଙ୍କା

**କେନ୍ଦୁଝର, ୫।୬ (ସ୍ୱ.ପ୍ର.)**

କେନ୍ଦୁଝର ପୌରପାଳିକାର ହିତାଧିକାରୀଙ୍କ ପାଇଁ ଭତ୍ତା ସହିତ ୧୦୦ ଟଙ୍କା ଲେଖାଏଁ ଛତା ବାବଦକୁ ଭତ୍ତା ପ୍ରଦାନ ପାଇଁ ଆସିଥିଲା । ଏନେଇ ଗତ ମାସ ଭତ୍ତା ସହିତ ଏହି ଛତା ଭତ୍ତା ବଣ୍ଟନ କରାଯାଇଥିଲା। କିନ୍ତୁ ୫ ନମ୍ବର ୱାର୍ଡରେ ଶତାଧିକ ଭତ୍ତା ହିତାଧିକାରୀ ଛତା ଟଙ୍କା ପାଇ ନ ଥିବା ଅଭିଯୋଗ କରିଛନ୍ତି। ଫଳରେ ଠିକ ସମୟରେ ଏହି ଟଙ୍କା ନ ପାଇବା ଫଳରେ ସରକାରଙ୍କ ଏହି ମହତ ଯୋଜନାର ସୁଫଳ ପାଇପାରି ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ତେବେ ହିତାଧିକାରୀ କେବେ ଛତା ଟଙ୍କା ପାଇବେ ଏବଂ ଖିଲାପି କର୍ମଚାରୀଙ୍କ ବିରୋଧରେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ସେ ଉପରେ ସମସ୍ତଙ୍କ ନଜର ରହିଛି।

## କେନ୍ଦୁଝର ଡେଭେଲପମେଣ୍ଟ କାଉନସିଲକୁ ମିଳିଲା ପ୍ରକୃତିମିତ୍ର

**କେନ୍ଦୁଝର, ୫।୬(ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ଡେଭେଲପମେଣ୍ଟ କାଉନସିଲକୁ ପରିବେଶ ସୁରକ୍ଷା, ବୃକ୍ଷରୋପଣ, ଜଙ୍ଗଲ ସଂରକ୍ଷଣ ଆଦି ଉଲ୍ଲେଖନୀୟ କାର୍ଯ୍ୟକ୍ରମ ପାଇଁ ରାଜ୍ୟସ୍ତରରେ ସମ୍ମାନଜନକ ପ୍ରକୃତିମିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ଦ୍ୱାରା ଯୋଗ୍ୟ ବିବେଚିତ ହୋଇ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ବିଶ୍ୱ ପରିବେଶ ଦିବସ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଦାନ କରାଯାଇଛି। ଜିଲାର ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରି ପରିବେଶ ସୁରକ୍ଷା ପାଇଁ ଏହି ସଂଗଠନ କାମ କରିଆସୁଥିବା ବେଳେ ସଂଗଠନର ଅଧ୍ୟକ୍ଷ ସନ୍ଦୀପ ପଟ୍ଟନାୟକ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏହି ସମ୍ମାନ ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ଶୁଭେଚ୍ଛା ବାର୍ତ୍ତା ଆସୁଥିବା ସେ ସୂଚନା ଦେଇଛନ୍ତି।

## 'ଚାରାରୋପଣ ହିଁ ସର୍ବଶ୍ରେଷ୍ଠ ମାଧ୍ୟମ'

**ବାରିପଦା ଅଫିସ,୫।୬**

ମୟୂରଭଞ୍ଜ ଜିଲା ବାରିପଦା ତଖତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପରିସରରେ ରବିବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। କୁଳପତି ପ୍ରଫେସର କିଶୋର କୁମାର ବସା ମୁଖ୍ୟଅତିଥି ଭାବେ ଯୋଗଦେଇ ଚାରାରୋପଣ କରିଥିଲେ। ବିଶ୍ୱର ସାମ୍ପ୍ରତିକ କ୍ରମବିଧ୍ୱଂସୀ ପରିବେଶକୁ ସୁରକ୍ଷା ଦେବା ପାଇଁ ଚାରାରୋପଣ ହିଁ ସର୍ବଶ୍ରେଷ୍ଠ ମାଧ୍ୟମ ବୋଲି ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ବିଶ୍ୱବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ପ୍ରମୋଦ କୁମାର ଶତପଥୀଙ୍କ ପୌରୋହିତ୍ୟରେ ଉକ୍ତ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିବା ବେଳେ ପ୍ରତ୍ୟେକ ବ୍ୟକ୍ତି ବ୍ୟକ୍ତିଗତ ଭାବେ ଗୋଟିଏ ଗଛ ଲଗାଇଲେ ପରିବେଶକୁ ସୁରକ୍ଷା ଯୋଗାଇ ଦିଆଯାଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଶୁଭେନ୍ଦୁ ଶତପଥୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଭିନ୍ନ ବିଭାଗର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ଜଗତେଶ୍ୱର ମହାଦେବଙ୍କ ବିବାହ ଉତ୍ସବ


ବାବା ଜଗତେଶ୍ୱରଙ୍କ ବିବାହ ଶୋଭାଯାତ୍ରା।

**ଧାମନଗର, ୫।୬ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ ଆନନ୍ଦପୁର ପଞ୍ଚାୟତର ବାଲିପାଟଣା ଗ୍ରାମରେ ଜଗତେଶ୍ୱର ମନ୍ଦିରରେ ମହାଦେବଙ୍କ ବିବାହ ଉତ୍ସବ ଶନିବାର ରାତିରେ ସମ୍ପନ୍ନ ହୋଇଥିଲା। ବାବା ଜଗତେଶ୍ୱରଙ୍କ ବିବାହ ଉତ୍ସବ ଗ୍ରାମଦେବତୀ ମା' ଜାଗୁଳାଇଙ୍କ ସହ ଅନୁଷ୍ଠିତ ହୋଇଥିଲା। ପାର୍ବତୀ ଓ ଜଗତେଶ୍ୱରଙ୍କ ଚଳନ୍ତି ପ୍ରତିମାଙ୍କୁ ମଙ୍ଗୁଳା ଯାଇଥିଲା। ଗ୍ରାମଦେବତୀ ପୀଠରୁ ବରଧରା ଆସି ଜଗତେଶ୍ୱରଙ୍କ ଠାରେ ପହଞ୍ଚିଥିଲେ। ସନ୍ଧ୍ୟାରେ ବାବା ଜଗତେଶ୍ୱର ଶତାଧିକ ବରଯାତ୍ରୀ ଧରି ଢୋଲ, କୀର୍ତ୍ତନ ଓ ବାଣ ରୋଷଣୀର ଆଟୋପ ଶୋଭାଯାତ୍ରାରେ ଗ୍ରାମ ପରକ୍ରମା କରି ମା' ଜାଗୁଳାଇଙ୍କ ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ବାଟ ବରଣି ସହ ବରଯାତ୍ରୀମାନେ ପ୍ରସାଦ ସେବନ କରିଥିଲେ। ରାତି ପ୍ରାୟ ୧୦ଟାରେ ଦେବ ଦମ୍ପତିଙ୍କ ବିବାହ ଉତ୍ସବ ସମ୍ପନ୍ନ ହୋଇଥିଲା। ବରପିତା ଭାବେ ଧୀରେନ୍ଦ୍ର ଆଦିଆ ଓ ସବିତା ଆଦିଆ, କନ୍ୟାପିତା ଭାବେ ନିରାକାର ସାହୁ ଓ ପ୍ରଭାତୀ ସାହୁ କର୍ତ୍ତା ଭାବେ ଦାୟିତ୍ୱ ସମ୍ପାଦନ କରିଥିଲେ। ପୂଜକ ଭାବେ ପଣ୍ଡିତ ରବିନାରାୟଣ ଦୀକ୍ଷିତ, ହରିଶଙ୍କର ଦୀକ୍ଷିତ, ପ୍ରଦୀପ କୁମାର ଦୀକ୍ଷିତ, ଦୁର୍ଗା ଶଙ୍କର ଦୀକ୍ଷିତ ପ୍ରମୁଖ ବିବାହ ଉତ୍ସବ ସମ୍ପାଦନ କରିଥିଲେ। ବିବାହ ପରେ ବିଳମ୍ବିତ ରାତିରେ ବରକନ୍ୟା ଜଗତେଶ୍ୱର ମନ୍ଦିରରେ ପହଞ୍ଚିଥିଲେ। ବରକନ୍ୟା ପହଞ୍ଚିବା ପରେ ମହିଳାମାନଙ୍କ ଦ୍ୱାରା ବନ୍ଦାପନା କରାଯାଇ ମନ୍ଦିରରେ ପ୍ରବେଶ କରାଯାଇଥିଲା।

# ନାଚ,ଗୀତରେ ଝୁମିଲେ ବରଯାତ୍ରୀ

**ବାହାନଗା,୫।୬(ଡି.ଏନ.ଏ.)**

**ଖରିଦା, ଚିତାପଦାରେ ଦେବ ଦମ୍ପତିଙ୍କ ବିବାହ**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଅଞ୍ଜି ପଞ୍ଚାୟତର ଖରିଦା ଓ ଖନ୍ତାପଡ଼ା ପଞ୍ଚାୟତର ଚିତାପଦା ଗ୍ରାମରେ ଦେବଦମ୍ପତିଙ୍କ ବିବାହ ଉତ୍ସବ ଶେଷ ହୋଇଛି। ଚିତାପଦା ଗ୍ରାମସ୍ଥିତ ବାବା ଚିତ୍ରେଶ୍ୱରଙ୍କ ବିବାହ ନିମନ୍ତେ ମନ୍ଦିର ପରିସରରୁ ବରଯାତ୍ରୀ ଶୋଭାଯାତ୍ରାରେ ବାହାରି ଖନ୍ତାପଡ଼ା ବଜାର ପରିକ୍ରମା କରି ମାତା ପାର୍ବତୀଙ୍କ ଘରେ ପହଞ୍ଚି ଥିଲେ। ସାଥିରେ ପୁରୀର ଘଣ୍ଟୁଆ, ଚାନ୍ଦବାଲିର ଷଣ୍ଢ ନାଚ, କେନ୍ଦ୍ରାପଡାରୁ ଦୁଲଦୁଲି ବାଦ୍ୟ, କଣ୍ଟିଆଟିକିରିରୁ ବ୍ୟାଣ୍ଡପାର୍ଟି, ଅତାପୁରରୁ କୀର୍ତ୍ତନ ଦଳ, ବାଲେଶ୍ୱରରୁ ଡିଜେ, ଗୋପରୁ ପଞ୍ଜାବି ବାଦ୍ୟର ତାଳେ ତାଳେ ବରଯାତ୍ରୀ ଦଳ ନାଚିନାଚି କନ୍ୟା ଘରକୁ ଯାଇଥିଲେ। ଦେବଦମ୍ପତିଙ୍କ ବିବାହ ପରେ କନ୍ୟା ପିତା ଲାମ୍ବୋଧର ପ୍ରଧାନ ଯୌତୁକ ନିମନ୍ତେ ନାଗନାଗୁଣି ସମେତ ୫ ହଜାର ଅର୍ଥ ରାଶି, ୫ ଏକର ଶ୍ମଶାନ ଜମି ପ୍ରଦାନ କରିଥିଲେ। ଶିବପାର୍ବତୀ ଉନ୍ନୟନ କମିଟିର ସଭାପତି ଦିଲ୍ଲୀପ କୁମାର ଦାସଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରମାକାନ୍ତ ବାରିକ୍, ଶରତ ପାଣିଗ୍ରାହୀ, ବିରେନ୍ଦ୍ର ସ, ବିଜୟ କୁମାର ଦାସ, ରବୀନ୍ଦ୍ର ପ୍ରଧାନ, ବସନ୍ତ ବେହେରା,ପର୍ଶୁରାମ ବେହେରା, ରାଜେନ୍ଦ୍ର ସ, ଜଗନ୍ନାଥ ବାରିକଙ୍କ ସମେତ ଚିତାପଦା ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ। ଚିତ୍ରେଶ୍ୱର ମହାଦେବଙ୍କ ପିତା ଭାବେ ଜୟକୃଷ୍ଣ ବାରିକଙ୍କ ସହିତ ପାର୍ବତୀଙ୍କ ପିତା ଲାମ୍ବୋଧର ପ୍ରଧାନଙ୍କର ସମୁଦି ମିଳନ ହୋଇଥିଲା। ସେହିପରି ଅଞ୍ଜି ପଞ୍ଚାୟତର ଖରିଦା ଗ୍ରାମରେ ଶିବପାର୍ବତୀଙ୍କ ବିବାହ ଉତ୍ସବ ପଣ୍ଡିତ ଗୟାଧର ଶତପଥୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। କନ୍ୟା ପିତା ଭାବେ ହୃଷିକେଶ ଓଝା ଓ ବରପିତା ଭାବେ ନରହରୀ ନାୟକ ଦାୟିତ୍ୱ ତୁଲାଇଥିଲେ। ଶତ୍ରୁଘ୍ନ ନନ୍ଦ,ଗଦାଧର ଶତପଥୀ, ବିଶ୍ୱଜିତ୍ ଦାସ, ବିଜୟା ନନ୍ଦ ବାରିକ୍, ତପନ କୁମାର ରାଉତଙ୍କ ସମେତ ଖରିଦା ଗ୍ରାମବାସୀଙ୍କ ସହଯୋଗରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା।


ବାବା ଚିତ୍ରେଶ୍ୱରଙ୍କୁ ବିବାହ ନିମନ୍ତେ ଶୋଭାଯାତ୍ରାରେ ନିଆଯାଉଛି।

**ଭାଲୁ ମୃତଦେହ ଉଦ୍ଧାର**

ନୀଳଗିରି,(ସ୍ୱ.ପ୍ର): ନୀଳଗିରି ବନବିଭାଗ ଅଧୀନ ମିତ୍ରପୁର ନିକଟସ୍ଥ ଜଙ୍ଗଲରୁ ଗୋଟିଏ ଅଣ୍ଡିରା ଭାଲୁର ମୃତଦେହ ଉଦ୍ଧାର ହୋଇଛି। ଅଂଶୁଘାତରେ ଏହି ଭାଲୁର ମୃତ୍ୟୁ ହୋଇଥିବା ବନବିଭାଗ ପକ୍ଷରୁ ସନ୍ଦେହ କରାଯାଉଛି। ଖବର ପାଇ ବନକର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ତଦନ୍ତ ଜାରି ରଖିଛନ୍ତି।

## ସଂକ୍ଷେପରେ

### ବାଣେଶ୍ୱର ମହେଶଙ୍କ ଦେବବିବାହ ସମ୍ପନ୍ନ

**କେନ୍ଦୁଝର, ୫।୬(ଡି.ଏନ୍.ଏ.):** କେନ୍ଦୁଝର ସହରର ସାମନ୍ତରାୟପୁରଠାରେ ପୂଜା ପାଉଥିବା ବାଣେଶ୍ୱର ମହେଶଙ୍କ ଦେବ ବିବାହ ଅନୁଷ୍ଠିତ ହୋଇଛି। ପବିତ୍ର ଶୀତଳଷଷ୍ଠୀରେ ଶାସ୍ତ୍ର ଓ ପରମ୍ପରାମତେ ଦେବବିବାହ ଅନୁଷ୍ଠିତ ହୋଇଥିଲା। ଏଥିରେ ମହାଦେବଙ୍କର ପିତା ଓ ମାତା ଭାବେ ରାଜୀବ କୁମାର ସୁତାର ଓ ବିଦ୍ୟୁତଲତା ସୁତାର ଏବଂ ଦେବୀ ପାର୍ବତୀଙ୍କ ମାତା ପିତା ଭାବେ ପିଙ୍କିଲତା ମିଶ୍ର ଓ ଅମରେଶ ମିଶ୍ର ବିବାହ କାର୍ଯ୍ୟ ସମ୍ପନ୍ନ କରାଇଥିଲେ। ସାମନ୍ତରାୟପୁର ବାଣେଶ୍ୱର ମହେଶ ମନ୍ଦିର ପରିଚାଳନା କମିଟିର ଉପଦେଷ୍ଟା ମୋହିନି ମୋହନ ମିଶ୍ର,ସଭାପତି ଦୀପକ ମିଶ୍ର,ସମ୍ପାଦକ ମନୋଜ ମିଶ୍ର,କୋଷାଧକ୍ଷ ଭକ୍ତବନ୍ଧୁ ମିଶ୍ର ଓ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ। ବିଭିନ୍ନ ସ୍ଥାନରୁ ଶତାଧିକ ଭକ୍ତବୃନ୍ଦ ଏହି ଦେବ ବିବାହରେ ସାମିଲ ହୋଇ ପ୍ରସାଦ ସେବନ ଓ ବିଭୁକୃପା ଲାଭ କରିଥିଲେ।

### ଚାରାରୋପଣ କଲେ ହୋ’ ସମ୍ପ୍ରଦାୟବାସୀ

**ପାଟଣା, ୫।୬(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ ପଲାଣଘାଟି ପଞ୍ଚାୟତ ଅନ୍ତର୍ଗତ କୁମୁଳାବାହାଳି ଗ୍ରାମ ଖଜୁରୀ ସାହିରେ ରବିବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ଆୟୋଜିତ କାର୍ଯ୍ୟକ୍ରମ ନେହେରୁ ଯୁବକେନ୍ଦ୍ର ଓ ସ୍ଥାନୀୟ ବିର ବିର୍ସା ମୁଣ୍ଡା ଯୁବକଙ୍କ ମିଳିତ ସହଯୋଗରେ ସମ୍ପନ୍ନ ହୋଇଛି। ନେହେରୁ ଯୁବକେନ୍ଦ୍ର ବ୍ଲକ ସଂଯୋଜକ ପ୍ରଭାତ କୁମାର ମୁଣ୍ଡାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ହୋ’ ସମ୍ପ୍ରଦାୟର ଯୁବକ ମିଥୁନ ମୁଣ୍ଡା, ସାଲୁ ମୁଣ୍ଡା, ହରେକୃଷ୍ଣ ମୁଣ୍ଡା, ଗୁରୁବାରୀ ମୁଣ୍ଡା, ସାବିତ୍ରୀ ମୁଣ୍ଡା ପ୍ରମୁଖଙ୍କ ଉପସ୍ଥିତିରେ ହୋ’ ସମ୍ପ୍ରଦାୟର ଯୁବତୀ ଯୁବକ ରେଞ୍ଜ କାର୍ଯ୍ୟାଳୟରୁ ଦିଆଯାଇଥିବା ବୃକ୍ଷରୋପଣ କରିଥିଲେ।

### ଶନିଦେବଙ୍କ ବାର୍ଷିକୋତ୍ସବ ଉଦ୍‌ଯାପିତ

**ବନ୍ତ,୫।୬ (ଡି.ଏନ.ଏ.):** ଭଦ୍ରକ ଜିଲା ବନ୍ତ ବ୍ଲକ ଘରପଦାସ୍ଥିତ ଶ୍ରୀ ଶ୍ରୀ ଶନିଦେବଙ୍କ ମନ୍ଦିରରେ ଚାଲିଥିବା ୫ମ ବାର୍ଷିକ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ପୁଷ୍କରିଣୀରୁ ୫୪ କଳସରେ ଜଳ ଅଣାଯାଇ ଗ୍ରାମ ପରିକ୍ରମା ପରେ ଘଟ ସ୍ଥାପନ କରାଯାଇଥିଲା। କୈଳାସ ଚନ୍ଦ୍ର ଚଢ଼େଇ ମୁଖ୍ୟ କଳସ ଧାରଣ କରିଥିଲେ। ଶନିବାର ଅଧିବାସ, ସୂର୍ଯ୍ୟପୂଜା, ଅଗ୍ନିସ୍ଥାପନ, ନବଗ୍ରହଙ୍କ ଉପଚାର ପୂଜା, ରବିବାର ସୂର୍ଯ୍ୟପୂଜା, ଗ୍ରହଭଙ୍ଗରାଜ ପୂଜା ଓ ଅପରାହ୍ନରେ ପୂର୍ଣ୍ଣାହୁତି କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପୂଜକ ଶାନ୍ତନୁ କୁମାର ପଣ୍ଡା, ବସନ୍ତ କୁମାର ମିଶ୍ର, ବିଷ୍ଣୁମୋହନ ଦାଶ, ପ୍ରଦୀପ କୁମାର ମିଶ୍ର, ନିର୍ମଳ କୁମାର ସାମନ୍ତ, କମଳାକାନ୍ତ ପାଢ଼ୀ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କୁମାର ବାପି ସଙ୍ଗୀତ ପରିବେଷଣ କରିଥିଲେ। ମୁଖ୍ୟ ପୁରୋଧା କୈଳାସ ଚନ୍ଦ୍ର ଚଢେଇ ଓ ଉର୍ମିଳା ଚଢେଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପୂଜା କାର୍ଯ୍ୟରେ ଗ୍ରାମବାସୀ ସହଯୋଗ କରିଥିଲେ।

### ବିଇଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଜଳେଶ୍ୱର,୫।୬(ଡି.ଏନ୍.ଏ):** ବାଲେଶ୍ୱର ଜିଲା ଜଳେଶ୍ୱର ଓ ଭୋଗରାଇ ବ୍ଲକର ଯୁଗ୍ମ ଦାୟିତ୍ୱରେ ଥିବା ଗୋଷ୍ଠୀ ଶିକ୍ଷାଧିକାରୀ(ବିଇଓ) ଭାଗିରଥି ଗିରିଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି। ସଭାରେ ଏବିଇଓ ଅଜୟ କୁମାର ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଆର୍‌ସିସି ସୁଶାନ୍ତ କୁମାର ଜେନା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଞ୍ଜନ କୁମାର ବେହେରା, ସୁଜିତ୍ ମଲ୍ଲିକ, ସମସ୍ତ ସିଆର୍‌ସିସି ଯୋଗ ଦେଇଥିଲେ। ଶ୍ରୀକାନ୍ତ ଧଳ ଓ କୃଷ୍ଣଚନ୍ଦ୍ର ମାଝି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ହଟୁନି ଅଚଳାବସ୍ଥା, ଖାଦ୍ୟରୁ ବଞ୍ଚିତ ପିଲା

**ଖଇରା,୫।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ବର୍ଦ୍ଧନା ଗ୍ରାମ ପଞ୍ଚାୟତ ଅଧୀନ ପଦୁନା ଅଙ୍ଗନୱାଡି କେନ୍ଦ୍ରରେ କର୍ମୀ ଓ ଲୋକପ୍ରତିନିଧିଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ୨୦୧୪ରୁ ଲାଗି ରହିଥିବା ଅଚଳାବସ୍ଥା ଜିଲାପାଳଙ୍କ ହସ୍ତକ୍ଷେପ ପରେ ମଧ ହଟିପାରୁନି। ଯାହାର ପରିଣାମ କେନ୍ଦ୍ରରେ ଗ୍ରାମରୁ ପଢୁଥିବା ଶିଶୁ,ପ୍ରସୂତି ଓ ଗର୍ଭବତୀଙ୍କୁ ଭୋଗିବାକୁ ପଡୁଛି। ସମସ୍ୟାର ସ୍ଥାୟୀ ସମାଧାନ କରି ଅଚଳାବସ୍ଥା ହଟାଇବାକୁ ପଦୁନା ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି । ଜଏଣ୍ଟ ଆକାଉଣ୍ଟରୁ ଅର୍ଥ ଉଠାଣକୁ ନେଇ ୨୦୧୪ରେ କର୍ମୀ ସଂଯୁକ୍ତା ସେଣ୍ଠ ଓ ୱାର୍ଡସଭ୍ୟ ନାରାୟଣ ଚନ୍ଦ୍ର ବେହେରାଙ୍କ ମଧ୍ୟରେ ବିବାଦ ଉଗ୍ରରୂପ ଧାରଣ କରିଥିଲା। ପରେ ତତ୍କାଳୀନ ଜିଲାପାଳ ସୁପରଭାଇଜର ଓ କର୍ମୀଙ୍କ ନାମରେ ଜଏଣ୍ଟ ଆକାଉଣ୍ଟ ଖୋଲିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ସୁପରଭାଇଜରଙ୍କ ନାମରେ ଏଭଳି ଆକାଉଣ୍ଟ ଖୋଲାକୁ କିଛି



ପଦୁନା ଅଙ୍ଗନୱାଡି କେନ୍ଦ୍ର।

ଲୋକପ୍ରତିନିଧି ଓ ଜଣେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ପ୍ରତ୍ୟାହାର କରିନେଇଥିଲେ। କେନ୍ଦ୍ରର ଦାୟିତ୍ୱ ପଡ଼ୋଶୀ ସାନକମାରୀ ଅଙ୍ଗନୱାଡି କେନ୍ଦ୍ରର କର୍ମୀଙ୍କୁ ପ୍ରଦାନ କରାଗଲା, ହେଲେ ୨୦୧୬ରୁ ୨୦୨୨ ମସିହାରେ ୩ବର୍ଷରୁ ୬ବର୍ଷ ପର୍ଯ୍ୟନ୍ତ ପିଲାଙ୍କ ସୁଇଟର ଓ ଜୋତା ପାଇଁ ଆସିଥିବା ଟଙ୍କା ବାଟମାରଣା ହେବା ପରେ ଗ୍ରାମବାସୀଙ୍କ ପକ୍ଷରୁ ଜୋରଦାର ବିରୋଧ ହୋଇଥିଲା । ପରବର୍ତ୍ତୀ ସମୟରେ ସାନକମାରୀ କେନ୍ଦ୍ରର କର୍ମୀ ଦାୟିତ୍ୱରୁ ଅପସରି ଯାଇଥିଲେ। ପୁନଶ୍ଚ କୋଭିଡ୍ ଯୋଗୁଁ ବନ୍ଦ ପଡ଼ିଥିବା ଅଙ୍ଗନୱାଡି ମାର୍ଚ୍ଚ ମାସରେ ଖୋଲିବା ପରେ ମାର୍ଚ୍ଚ ୧୯ତାରିଖରେ ସମନ୍ୱିତ ଶିଶୁ ଓ ମହିଳା ବିକାଶ ଅଧିକାରିଣୀଙ୍କ ଅଧ୍ୟକ୍ଷତାରେ ସମସ୍ୟାର ସମାଧାନ ସହ କେନ୍ଦ୍ର ମାର୍ଚ୍ଚ ୨୮ ତାରିଖରୁ ଖୋଲିବା ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା। ମାତୃ କମିଟି ଓ ଯାଞ୍ଚ

**ପଦୁନା ଅଙ୍ଗନୱାଡି କେନ୍ଦ୍ର**

କମିଟିକୁ ପୁନର୍ଗଠନ ସହ ସରପଞ୍ଚ ଓ କର୍ମୀଙ୍କ ନାମରେ ଜଏଣ୍ଟ ଆକାଉଣ୍ଟ ଖୋଲିବାକୁ ନିଷ୍ପତ୍ତି ନିଆଯାଇଥିଲା । ତେବେ ପୂର୍ବରୁ ରନ୍ଧାଖାଦ୍ୟ ଓ ଅନ୍ୟାନ୍ୟ ଖର୍ଚ୍ଚ କରାଯିବା ପରେ ଉଠାଯାଇଥିବା ଅର୍ଥକୁ ଫେରାଇବାକୁ ସ୍ଥାନୀୟ ସରପଞ୍ଚ କହିବା ପରେ ଏହାକୁ ନେଇ ପୁଣି ବିବାଦ ଆରମ୍ଭ ହୋଇଛି । ଯାହା ଫଳରେ ମାର୍ଚ୍ଚ ୨୮ରୁ ଅଦ୍ୟାବଧି ପଢୁଥିବା ପିଲା,ଗର୍ଭବତୀ ଓ ପ୍ରସୂତିଙ୍କୁ ଖାଦ୍ୟ ମିଳି ପାରିନାହିଁ କି ଜନ୍ମିତ ପିଲାଙ୍କର ଅନ୍ନପ୍ରାସନ କାର୍ଯ୍ୟକ୍ରମ ହୋଇ ପାରିନାହିଁ। ଏ ସମ୍ପର୍କରେ ଖଇରା ବ୍ଲକ ଶିଶୁ ଓ ମହିଳା ବିକାଶ ଅଧିକାରିଣୀ ରଞ୍ଜୁରାଣୀ ଦାସଙ୍କୁ ଯୋଗାଯୋଗ କରିବାରେ ସମାଧାନ ପାଇଁ ବୈଠକ ଡାକି ସବୁ ପ୍ରକାର ଉଦ୍ୟମ କରିଥିଲେ ହେଁ ଅଚଳାବସ୍ଥା ହଟୁନାହିଁ। ଏ ସମ୍ପର୍କରେ ସେ ଜିଲାପାଳ ଏବଂ ଜିଲାସ୍ତରୀୟ ବିଭାଗୀୟ ଅଧିକାରିଣୀଙ୍କୁ ଜଣାଇସାରିଥିବା କହିଛନ୍ତି।

# ସଂଘବଦ୍ଧ ଆକ୍ରମଣରେ ଯୁବକ ଗୁରୁତର

**ରୂପ୍‌ସା,୫।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବସ୍ତା ଥାନା ବରୁଣଗଡ଼ିଆ ପଞ୍ଚାୟତ ଅଧୀନ ନିଶ୍ଚିନ୍ତପୁର ଗ୍ରାମରେ ରବିବାର ସଂଘବଦ୍ଧ କୋଦାଳ ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକ ହେଲେ ଉକ୍ତ ପଞ୍ଚାୟତର ନାଏବ ସରପଞ୍ଚଙ୍କ ପ୍ରତିନିଧି ଅରୁଣ କୁମାର ବେହେରା। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ଗ୍ରାମର ନିଷ୍ପତ୍ତି କ୍ରମେ ସୁଶାନ୍ତ ଦାସ ଏକ ଜେସିବି ନେଇ ସ୍ଥାନୀୟ ଜମିରେ ମାଟି ଖୋଳିବା ପାଇଁ ଯାଉଥିଲେ। କିନ୍ତୁ କେତେକ ଗ୍ରାମବାସୀ ଜେସିବିକୁ ଅଟକାଇ ସୁଶାନ୍ତଙ୍କୁ ଧମକଚମକ ଦେଉଥିବା ବେଳେ ଅରୁଣ ସେଠାରେ ପହଞ୍ଚି ଘଟଣା ସମ୍ପର୍କରେ ବୁଝାସୁଝା କରୁଥିଲେ। ସେଠାରେ ଉପସ୍ଥିତ ଥିବା ନିତ୍ୟାନନ୍ଦ ବେହେରା, ଶମ୍ଭୁନାଥ ମହାପାତ୍ର, ପ୍ରତାପ ଚନ୍ଦ୍ର ବେହେରା, ରମେଶ ଚନ୍ଦ୍ର ସାମଲ, କରୁଣାକର ସାମଲ, ମଧୁସୂଦନ ବେହେରା, ଅଜୟ କୁମାର ବେହେରା, ରାମଚନ୍ଦ୍ର ସାମଲ, ରଞ୍ଜନ ବେହେରା ପ୍ରମୁଖ ଉତ୍‌କ୍ଷିପ୍ତ ହୋଇ ଅରୁଣଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ବ୍ରାହ୍ମଣଦା ପଞ୍ଚାୟତର ପିଅନ ନିତ୍ୟାନନ୍ଦ ବେହେରା ଏକ କୋଦାଳରେ ଅରୁଣଙ୍କୁ ହାଣି ହତ୍ୟା ଉଦ୍ୟମ କରିଥିବା ଏତଲାରେ ଦର୍ଶାଯାଇଛି। ଘଟଣାସ୍ଥଳରେ ନାଏବ ସରପଞ୍ଚ ଗୀତାଞ୍ଜଳି ବେହେରା ପହଞ୍ଚିଥିଲେ ହେଁ ତାଙ୍କୁ ମଧ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିବାବେଳେ ରାଜନୈତିକ ଆକ୍ରୋଶରୁ ଏହି ଆକ୍ରମଣ ହୋଇଥିବା ଅଭିଯୋଗକାରୀ କହିଛନ୍ତି।

# ଶିକ୍ଷକ କାହ୍ନୁ ଚରଣଙ୍କୁ ପ୍ରକୃତି ବନ୍ଧୁ ସମ୍ମାନ



ଅତିଥିମାନେ ଶିକ୍ଷକ କାହ୍ନୁ ଚରଣ ସିଂଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

**ସିମୁଳିଆ,୫।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଇଶ୍ୱରପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାହ୍ନୁ ଚରଣ ସିଂଙ୍କୁ ବିଶ୍ୱ ପରିବେଶ ଦିବସ ଅବସରରେ ରବିବାର ଜିଲା ବନ ବିଭାଗ ଅଧିନ ଜାତୀୟ ସବୁଜ ବାହିନୀ ଦ୍ୱାରା ‘ପ୍ରକୃତି ବନ୍ଧୁ’ ସମ୍ମାନରେ ସମ୍ମାନିତ କରାଯାଇଛି । ଶିକ୍ଷକ ସିଂଙ୍କ ଘର ବାଲେଶ୍ୱର ଜିଲା ସିମୁଳିଆ ବ୍ଲକର ମଇତାପୁର ଅଞ୍ଚଳରେ। ଏହି ଅବସରରେ ତାଙ୍କୁ ସବୁଜ ବାହିନୀର ଏକ ବ୍ୟାଗ, ଟୋପି, ବିଭିନ୍ନ ବୃକ୍ଷ ଲତା ସମ୍ବନ୍ଧୀୟ ପୁସ୍ତକ ଓ ୧୦ହଜାର ଟଙ୍କା ପ୍ରଦାନ କରାଯାଇଛି। ଜିଲା ବନ ବିଭାଗ ଅଧିକାରୀ ବିମଳ ଲୋଚନ ଆଚାର୍ଯ୍ୟ, ଡିଆର୍‌ଡିଏର ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁ, ସବୁଜ ବାହିନୀର ଜିଲା ସଂଯୋଜକ କୃତ୍ତିବାସ ବେଜ ପ୍ରମୁଖ ଏହି ଉତ୍ସବରେ ଯୋଗ ଦେଇଥିଲେ ।

**‘ଧରିତ୍ରୀ’କୁ ଦେଲେ ଶ୍ରେୟ**

ଶିକ୍ଷକ ସିଂ ଗତ ୩୩ବର୍ଷ ହେଲା ବିଭିନ୍ନ ସରକାରୀ ଓ ବେସରକାରୀ ସ୍ଥାନରେ ୩୫ହଜାର ଫୁଲ ଓ ଫଳ ବୃକ୍ଷ ରୋପଣ କରିଛନ୍ତି। ଏଥିପାଇଁ ସେ ନିଜ ଦରମାରୁ ମାସିକ ୨୫ଶହ ଟଙ୍କା ଖର୍ଚ୍ଚ କରନ୍ତି। ଏହା ବ୍ୟତିତ ସେ ଗୋ-ସୁରକ୍ଷା, ନିଶାନିବାରଣ କ୍ଷେତ୍ରରେ ମଧ କାର୍ଯ୍ୟ କରୁଛନ୍ତି । ଏ ସମ୍ପର୍କରେ ‘ଧରିତ୍ରୀ’ରେ ଗତ ୯।୯।୨୧ରେ ‘ପରିବେଶ ଚିନ୍ତାରେ ବିତିଲାଣି ୩୩ବର୍ଷ’ ଶୀର୍ଷକରେ ଖବର ପ୍ରକାଶ ପାଇଥିଲା। ତେବେ ‘ଧରିତ୍ରୀ’ରେ ଖବର ପ୍ରକାଶ ପାଇଁ ତାଙ୍କୁ ଏହି ପୁରସ୍କାର ମିଳିଥିବାରୁ ଶିକ୍ଷକ କାହ୍ନୁ ଚରଣ ‘ଧରିତ୍ରୀ’କୁ ଏହାର ଶ୍ରେୟ ଦେବା ସହିତ ମିଳିଥିବା ଅର୍ଥରାଶୀ ସେ ବୃକ୍ଷରୋପଣ କ୍ଷେତ୍ରରେ ବ୍ୟୟ କଣିବେ ବୋଲି ସୂଚନା ଦେଇଛନ୍ତି।

# ୫ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବ ପୋଲିସ

**ବଡବିଲ / ଯୋଡ଼ା, ୫।୬(ସ୍ୱ.ପ୍ର./ଡି.ଏନ.ଏ.)**

ମୟୂରଭଞ୍ଜ ଓ କେନ୍ଦୁଝର ଜିଲା ପୋଲିସର ମିଳିତ ଉଦ୍ୟମରେ ଝାଡଖଣ୍ଡ ରାଜ୍ୟ ପଶ୍ଚିମ ସିଂହଭୂମ ଜିଲା ହାଟଗମ୍ହାରିଆ ଥାନା ଅଞ୍ଚଳରୁ ୫ ଆନ୍ତଃ ରାଜ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଏକ ଇନସାସ ଏକ୍ସକାଲିବର ରାଇଫଲ, ୨୬ ରାଉଣ୍ଡ ୫.୫୬ ମିଲିମିଟରର ଜୀବନ୍ତ ଗୁଳି, ଏକ ସ୍ପୋର୍ଟ୍ସ ବାଇକ, ନଗଦ ୫୦ ହଜାର ଟଙ୍କା, ମୋବାଇଲ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିବାକୁ ସକ୍ଷମ ହୋଇଛି। ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ଏକ ମାମଲା (ନଂ.୯୨/୨୦୨୨) ରୁଜୁ ହୋଇଥିବା ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। କିନ୍ତୁ କେନ୍ଦୁଝର ଜିଲା ବଡବିଲ ଥାନା ଅନ୍ତର୍ଗତ ଠାକୁରାଣୀସ୍ଥିତ ଟ୍ରାନ୍ସପୋର୍ଟ ଅଫିସ, ଭଦ୍ରାସାହିସ୍ଥିତ ଟ୍ରାନ୍ସପୋର୍ଟ ଅଫିସରୁ ବନ୍ଧୁକ ମୁନରେ ହୋଇଥିବା ଲୁଟ ଘଟଣାରେ ଉକ୍ତ ଅପରାଧୀଙ୍କ ସମ୍ପୃକ୍ତି ଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ଏ ନେଇ ବଡବିଲ ପୋଲିସ ଉକ୍ତ ଅପରାଧୀଙ୍କୁ ରିମାଣ୍ଡରେ ଆଣିବାକୁ ପ୍ରସ୍ତୁତି କରିଛି। ତେବେ ନିକଟ ଅତୀତରେ ଯୋଡାରେ ହୋଇଥିବା ଗୁଳିକାଣ୍ଡ ଏବଂ ଚମ୍ପୁଆ ଥାନା ନାରଦପୁର ମଦ ଦୋକାନରୁ ହୋଇଥିବା ଲୁଟ ଘଟଣାରେ ମଧ ଅପରାଧୀଙ୍କର ସମ୍ପୃକ୍ତି ଥିବାନେଇ ପୋଲିସ ଆଶଙ୍କା କରୁଛି। ରିମାଣ୍ଡରେ ଅପରାଧୀମାନଙ୍କୁ ଅଣାଗଲେ ସମସ୍ତ ଘଟଣାର ପର୍ଦ୍ଦାଫାଶ ହୋଇପାରିବ ବୋଲି ପୋଲିସ କହିଛି।

# ‘ନିଶା ବିରୋଧରେ ଏକଜୁଟ ହୁଅ’



ବାର୍ଷିକ ସମ୍ମିଳନୀରେ ମଞ୍ଚାସୀନ ଅତିଥିମାନେ।

**ବାଲେଶ୍ୱର ଅଫିସ,୫।୬**

ବାଲେଶ୍ୱର ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ମିଳିତ ନିଶା ନିବାରଣ ଅଭିଯାନର ୬ଷ୍ଠ ବାର୍ଷିକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଅଭିଯାନର ରାଜ୍ୟ ସଭାପତି ତଥା ପ୍ରାକ୍ତନ ବିଧାୟକ ପଦ୍ମଚରଣ ନାୟକ ଉତ୍ସବକୁ ଉଦ୍‌ଘାଟନ କରି ନିଶା ବିରୋଧରେ ରାଜ୍ୟବାସୀ ଏକଜୁଟ ହେବାକୁ ଆହ୍ୱାନ ଦେଇଥିଲେ। ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ଯୋଗଦେଇ ନିଶା ମହାମାରୀ ଅବସ୍ଥାରେ ପହଞ୍ଚିଲାଣି। ଯୁବପୀଢ଼ୀ ସଚେତନ ହେଲେ ସମାଜ ନିଶା ମୁକ୍ତ ହେବ ବୋଲି କହିଥିଲେ।

ଆଇନଜୀବୀ ପ୍ରଭାକର ସାହୁଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ସମ୍ମିଳନୀରେ ବରିଷ୍ଠ ସଦସ୍ୟ ଗୌରାଙ୍ଗ ପାଣିଗ୍ରାହୀ ମଞ୍ଚ ଆହ୍ୱାନ କରିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦିକା ମମତା ମହାପାତ୍ର ଅତିଥି ପରିଚୟ ପ୍ରଦାନ ଓ ବାର୍ଷିକ

**ମିଳିତ ନିଶା ନିବାରଣ ଅଭିଯାନର ବାର୍ଷିକ ସମ୍ମିଳନୀ**

ବିବରଣୀ ପାଠ କରିଥିଲେ। ସୁଶ୍ରୀ ଅର୍ଚ୍ଚନା ନନ୍ଦୀ ଚଳିତ ବର୍ଷ କାର୍ଯ୍ୟକ୍ରମର ଖସଡ଼ା ପାଠ କରିଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ ସରକାରଙ୍କ ଏସ୍‌ଏସ୍‌ପିଇଡିର ନିର୍ଦ୍ଦେଶିକା ବ୍ରତତୀ ହରିଚନ୍ଦନ ଯୋଗଦେଇ ନିଶାର ଚୋରା କାରବାର ଓ ନିଶାସକ୍ତଙ୍କ କୁପ୍ରବୃତ୍ତି କମାଇବାକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ସମ୍ମାନିତ ଅତିଥି ଭାବେ ଯୁବଶିଳ୍ପପତି ସଂଗ୍ରାମ ଦାସ, ଉପଦେଷ୍ଟା ଡା. ଶ୍ରୀଶ କୁମାର ଦାଶ, ସୁବ୍ରତ କର, ଡ. କେଶବ ଚରଣ ପଣ୍ଡା, ରାଜ୍ୟ ଉପସଭାପତି ଡ. ଅଦ୍ୱୈତ କୁମାର ପାତ୍ର ଓ ଭୋଗରାଇ ବ୍ଲକ ସମ୍ପାଦକ ଚିତରଞ୍ଜନ ଦାସ ପ୍ରମୁଖ ନିଶାମୁକ୍ତ ସମାଜ ପାଇଁ ନିଜ ପରିବାରରୁ ନିଶା ନିବାରଣ ଅଭିଯାନ ଆରମ୍ଭ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ବିଭିନ୍ନ ବ୍ଲକର ପଦାଧିକାରୀ ଯୋଗଦେଇ ସେମାନଙ୍କ ଅଞ୍ଚଳର ନିଶା ଜନିତ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ବାର୍ଷିକ ମୁଖପତ୍ର ‘ମନା-୨୦୨୨’କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ଅବସରରେ ବିଧାୟକ ଦାସ ଓ ନବନିର୍ବାଚିତ ପୌରାଧକ୍ଷା ସବିତା ସାହୁ, ବସ୍ତାର ହଳଦିଆପଡ଼ା ମଦ ବିରୋଧି ମହିଳା ସଂଗଠନକୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ କୋଷାଧକ୍ଷ ପ୍ରଫୁଲ୍ଲ କୁମାର ଦାସ, ଡ. କ୍ଷିତୀଶ୍ୱର ଦାଶ, ତ୍ରିଦିବ ନାୟକ, ପୂର୍ଣ୍ଣଚନ୍ଦ୍ର ବେହେରା, ବସନ୍ତ ପ୍ରଧାନ, ଶ୍ୟାମସୁନ୍ଦର ଜେନା, ପୂର୍ଣ୍ଣଚନ୍ଦ୍ର ପାତ୍ର ସହଯୋଗ କରିଥିଲେ। ସମ୍ମିଳନୀରେ ବିଭିନ୍ନ ବ୍ଲକ ଓ ପଞ୍ଚାୟତରୁ ଶତାଧିକ ପ୍ରତିନିଧି ଏବଂ ରାଜ୍ୟ କମିଟିରୁ ଶୁଭେନ୍ଦୁ କୁମାର ରାଉତରାୟ ଯୋଗ ଦେଇଥିଲେ।

# କୋଇଲା ଚୋରା ଚାଲାଣ: ୪ ଟନ୍‌ରୁ ଊର୍ଦ୍ଧ୍ୱ ଜବତ

**ପଦ୍ମପୁର, ୫।୬ (ଡି.ଏନ.ଏ.)**

ଭଦ୍ରକ ସଦର ବ୍ଲକ ସାବରଙ୍ଗ ପୋଲିସ ଶନିବାର ବିଳମ୍ବିତ ରାତିରେ ଚଢ଼ାଉ କରି ଚୋରା ଚାଲାଣ ହେଉଥିବା ବେଳେ ୪ ଟନ୍‌ରୁ ଊର୍ଦ୍ଧ୍ୱ କୋଇଲା ଜବତ କରିଛି। ଦୁଇଟି ପିକ୍‌ଅପ୍ ଭ୍ୟାନ୍ ଜବତ ସହ ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଗୋଟିଏ ଗାଡ଼ିର ଚାଳକ ତିହିଡ଼ି ଥାନା ଅଧୀନ ବିଜାରପୁର ଗ୍ରାମର ରମାକାନ୍ତ ମଲିକ ଓ ସହାୟକ ସୁବାସ ମଲିକ। ରବିବାର ଅପରାହ୍ନରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

ସୂଚନା ଅନୁଯାୟୀ, ଧାମରା ଅଞ୍ଚଳରୁ ରେଳ ଯୋଗେ ପରିବହନ ହେଉଥିବା ଉନ୍ନତମାନର କୋଇଲାକୁ ଚୋରମାନେ ଟ୍ରେନ୍‌ରୁ ଚୋରି କରି ଜଳପଥ ଓ ସ୍ଥଳପଥରେ ଜିଲା ଏବଂ ପଡ଼ୋଶୀ ଜିଲାକୁ ଚୋରାରେ ଚାଲାଣ କରୁଛନ୍ତି। କୋଇଲା ଚୋରଙ୍କ ଦ୍ରୁତ ଗାଡ଼ି ଚାଳନା ଯୋଗୁ ସାଧାରଣ ଲୋକଙ୍କ



ଜବତ କୋଇଲା ସହ ଗିରଫ ୨ ଅଭିଯୁକ୍ତ।

ଜୀବନ ପ୍ରତି ବିପଦ ରହିଛି। ଏନେଇ ଗତ ୨ ତାରିଖରେ ସାବରଙ୍ଗ ଅଞ୍ଚଳର କେତେଜଣ ସାମାଜିକ କର୍ମୀ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିଲେ। ତିହିଡ଼ି ଓ ସାବରଙ୍ଗ ପୋଲିସ ଶନିବାର ମଧ୍ୟରାତ୍ରଠାରୁ ବିଭିନ୍ନ ଛକରେ ଗାଡ଼ି ଅଟକାଇ ଯାଞ୍ଚ କରିଥିଲେ। ବିଳମ୍ବିତ ରାତିରେ ତିହିଡ଼ି ଅଞ୍ଚଳରୁ ଦୁଇଟି କୋଇଲା ବୋଝେଇ ପିକ୍‌ଅପ୍ ଆସୁଥିବା ଖବର ପାଇ ସାବରଙ୍ଗ ଥାନାଧିକାରୀ ଶୋଭେନ କୁମାର ସ୍ୱାଇଁ, ଏଏସ୍‌ଆଇ ଯତୀନ୍ଦ୍ର

**୨ ପିକଅପ୍ ଭ୍ୟାନ୍ ଜବତ, ୨ ଗିରଫ**

ନାଥ ସିଙ୍କୁ, କୈଳାସ ଚନ୍ଦ୍ର ପାତ୍ର, ଫୁଲମଣି ହେମ୍ବ୍ରମ, ହାବିଲଦାର ଭରତ ମାଝି ପ୍ରମୁଖ ଜଗି ରହିଥିଲେ। ସାବରଙ୍ଗ ପୁରୁଣା ଫାଣ୍ଡି ଛକରେ ବାଲିଖଣ୍ଡକୁ ଦ୍ରୁତଗତିରେ ଆସୁଥିବା ଏକ କୋଇଲା ବୋଝେଇ ପିକଅପ୍‌କୁ ଅଟକାଇ ଜବତ କରିଥିଲେ। ଗିରଫ ଗାଡ଼ି ଚାଳକ ଓ ସହାୟକଙ୍କୁ ଗିରଫ କରିଥିଲେ। ପରେ ଅନ୍ୟ ଏକ କୋଇଲା ବୋଝେଇ ପିକ୍‌ଅପ୍‌କୁ ଅଟକାଇବାରୁ ଗାଡ଼ିଟି ନ ଅଟକି ଏରଡ଼ା ଆଡ଼କୁ ପଳାଇଥିଲା। ପୋଲିସ ପିଛା କରି ଏରଡ଼ା ରାଇସ୍ ମିଲ୍ ନିକଟରୁ ଜବତ କରିଥିବା ବେଳେ ଚାଳକ ଫେରାର ହୋଇଯାଇଛନ୍ତି। ଏନେଇ ସାବରଙ୍ଗ ଥାନାରେ ୨ଟି ମାମଲା (ନଂ.୧୦୫/୨୨ ଓ ୧୦୬/୨୨) ରୁଜୁ କରାଯାଇଛି।

# ଶିବପାର୍ବତୀ ବିବାହ

**ସୋର,୫।୬(ଡି.ଏନ.ଏ)**

ସୋର ବ୍ଲକ ଅଧୀନ ମାଣତ୍ରୀ ପଞ୍ଚାୟତ ଅଧୀନ ନୂଆପୁରସ୍ଥିତ କ୍ଷେମେଶ୍ୱର ମନ୍ଦିରରେ ରବିବାର ପୂର୍ବାହ୍ନରେ ଶିବ ପାର୍ବତୀ ପାର୍ବତୀଙ୍କ ବିବାହ ଅନୁଷ୍ଠିତ ହୋଇଯାଇଛି। ବର ପିତା ଭାନୁ ପ୍ରସାଦ ପାତ୍ରଙ୍କ ଘରୁ ବାଜା, ବାଣ , ରୋଷଣୀ ନେଇ ବରଯାତ୍ରୀ ଶୋଭାଯାତ୍ରାରେ ବାହାରି ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିଥିଲେ। ପରେ କନ୍ୟା ପିତା ଗଜେନ୍ଦ୍ର ଜେନାଙ୍କ ପକ୍ଷରୁ ବାହାଘର ଶତାଧିକ ଶ୍ରଦ୍ଧାଳୁଙ୍କ ଗହଣରେ ସମ୍ପନ୍ନ ହୋଇଥିଲା। ପୁରୋହିତ ମଧୁସୂଦନ ପାଢ଼ୀ, ରାମଚନ୍ଦ୍ର ପଣ୍ଡା, ପୀତାମ୍ବର ପାଢ଼ୀ, ହୃଷିକେଶ ଦ୍ୱିବେଦୀ, ପ୍ରମୋଦ କୁମାର ଉପାଧ୍ୟାୟଙ୍କ ଦ୍ୱାରା ବାହାଘର ସମ୍ପନ୍ନ ହୋଇଥିଲା। ବନମାଳୀ ପଣ୍ଡାଙ୍କ ସହ ସମସ୍ତ ଗ୍ରାମବାସୀ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପୌରପାଳିକା ପକ୍ଷରୁ ଚାରାରୋପଣ

**ଯୋଡ଼ା,୫।୬(ଡି.ଏନ.ଏ.):** କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକା ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି। ଏହି ଅବସରରେ ପୌର ପରିଷଦର ପୌରାଧକ୍ଷ ଡାକ୍ତର ଜଗଦୀଶ ପ୍ରସାଦ ସାହୁ ଓ ବିଭିନ୍ନ ୱାର୍ଡର କାଉନସିଲର ମାନେ ଉପସ୍ଥିତ ରହି ଫଳବୃକ୍ଷ ଚାରା ରୋପଣ କରିଥିଲେ। ଅଧକ୍ଷ ସାହୁ ବୃଦ୍ଧାଶ୍ରମରେ ରହୁଥିବା ଅନ୍ତେବାସୀଙ୍କ ସହ କିଛି ମୁହୂର୍ତ୍ତ ବିତାଇବା ସହିତ ସେମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ।




# ଭଦ୍ରକକୁ ମିଳିଲାନି ମନ୍ତ୍ରୀ ପଦ

**ଭଦ୍ରକ ଅଫିସ,୫।୬**

ରାଜ୍ୟ ମନ୍ତ୍ରିମଣ୍ଡଳ ଅଦଳବଦଳ ପ୍ରକ୍ରିୟାରେ ଜିଲାକୁ ମନ୍ତ୍ରୀ ପଦ ମିଳିବ ବୋଲି ଭଦ୍ରକବାସୀ ବେଶ୍ ଆଶାୟୀ ଥିଲେ। ରବିବାର ନୂଆ ମନ୍ତ୍ରିମଣ୍ଡଳ ଶପଥ ଗ୍ରହଣ କରିସାରିଥିବା ବେଳେ ଭଦ୍ରକରୁ କେହି ଏଥିରେ ସ୍ଥାନ ନ ପାଇବା ଜିଲାବାସୀଙ୍କୁ ନିରାଶ କରିଛି। ପୂର୍ବରୁ ଭଦ୍ରକ ଜିଲାର ଡ. ହରେକୃଷ୍ଣ ମହତାବ ଓ ନୀଳମଣି ରାଉତରାୟ ରାଜ୍ୟ ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିଥିବା ବେଳେ ଦୀର୍ଘଦିନ ଧରି ନବୀନ ପଟ୍ଟନାୟକଙ୍କ ସରକାରରେ ଭଦ୍ରକରୁ କାହାକୁ ମନ୍ତ୍ରୀ ପଦ ନ ମିଳିବା ଜିଲାବାସୀଙ୍କୁ ବ୍ୟଥିତ କରିଛି। ଜିଲାର ଭଣ୍ଡାରିପୋଖରୀ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ସାମଲ କିମ୍ବା ଜିଲା ଯୋଜନା କମିଟି ସଭାପତି ତଥା ଚାନ୍ଦବାଲିର ଯୁବ ବିଧାୟକ ବ୍ୟୋମକେଶ ରାୟଙ୍କୁ ନୂଆ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିବ ବୋଲି ବେଶ୍ ଚର୍ଚ୍ଚା ହେଉଥିଲା। ଏଥର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଜିଲାର ସମସ୍ତ ଜିଲା ପରିଷଦ ଆସନ, ଜିଲା ପରିଷଦ ସଭାପତି ଓ ସମସ୍ତ ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦ ବିଜେଡି ହାତେଇଥିଲା। ଜିଲାରେ ବିଜେଡି ସଙ୍ଗଠନ ସୁଦୃଢ଼ ଥିବା ଏଥିରୁ ପ୍ରମାଣ ମିଳିଥିଲା। ଏହି ଫଳାଫଳ ଆଧାରକୁ ନେଇ ଦଳୀୟ ନେତା ଓ କର୍ମୀମାନେ ମନ୍ତ୍ରୀ ପଦ ମିଳିବା ନେଇ ଆଶା ବାନ୍ଧିଥିଲେ।

# ଖଣିଜ ସମ୍ପଦପୂର୍ଣ୍ଣ ଜିଲା ମନ୍ତ୍ରୀଶୂନ୍ୟ

**କେନ୍ଦୁଝର,୫।୬(ସ୍ୱ.ପ୍ର.)**

ରାଜ୍ୟ ମନ୍ତ୍ରିମଣ୍ଡଳର ନବୀକରଣ କରାଗଲା। କିନ୍ତୁ କେନ୍ଦୁଝର ଜିଲାର ଜଣେ ମଧ ବିଧାୟିକା କିମ୍ବା ବିଧାୟକଙ୍କୁ ନୂଆ ମନ୍ତ୍ରିମଣ୍ଡଳରେ ସାମିଲ କରାଗଲାନି। ମନ୍ତ୍ରୀ ଥିବା ତେଲକୋଇ ବିଧାୟକ ପ୍ରେମାନନ୍ଦ ନାୟକଙ୍କୁ ମଧ ମନ୍ତ୍ରିମଣ୍ଡଳରୁ ବାଦ୍ ଦିଆଗଲା। ଜିଲାରୁ କାହାକୁ ମନ୍ତ୍ରୀ ପଦ ନ ମିଳିବାରୁ ଜିଲାବାସୀ ନିରାଶ ହୋଇଛନ୍ତି। ଜିଲା ପ୍ରତି ଅବହେଳା କରାଯାଇଥିବା ନେଇ ଚର୍ଚ୍ଚା ଚାଲିଛି। ଖଣିଜସମ୍ପଦ ପରିପୂର୍ଣ୍ଣ ଏହି ଜିଲା ମନ୍ତ୍ରୀ ଶୂନ୍ୟ ହେବା ଘଟଣାକୁ ନେଇ ଜିଲାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ଜିଲାର ବରିଷ୍ଠ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ରଙ୍କ ପ୍ରତି ନବୀନ ସରକାରଙ୍କ ପଞ୍ଚମ ପାଳିର ପ୍ରଥମ ପର୍ଯ୍ୟାୟରେ ଅବହେଳା କରାଯାଇଥିଲା। ଦ୍ୱିତୀୟ ପାଳିରେ ବୟସ ତଥା ଅଭିଜ୍ଞତା ଦୃଷ୍ଟିରୁ ତାଙ୍କୁ ମନ୍ତ୍ରୀ ପଦ ମିଳିବ ବୋଲି ଜିଲାବାସୀ ଆଶା ରଖିଥିଲେ। କିନ୍ତୁ ତାଙ୍କ ନାମ ଘୋଷଣା ନ ହେବା ସମସ୍ତଙ୍କୁ ଚକିତ କରିଥିବା ବେଳେ ତାଙ୍କ ସମର୍ଥକଙ୍କ ମଧ୍ୟରେ ନୈରାଶ୍ୟ ଖେଳିଯାଇଛି। ଅନ୍ୟପକ୍ଷରେ ବଦ୍ରିଙ୍କ ବିରୋଧୀମାନେ ଖୁସି ମନାଇଥିବା ଆଲୋଚନା ହେଉଛି। ସୂଚନାଯୋଗ୍ୟ, ନୂଆ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବା ପାଇଁ ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତଙ୍କ ନାମ ମଧ ଜିଲାରେ ଚର୍ଚ୍ଚା ହେଉଥିଲା।



